Series &RQPS

**SET-4**

Q.P. Code **13**

Roll No. | | | | | | | | |

Candidates must write the Q.P. Code on the title page of the answer-book.

**ଦୃଷ୍ଟବ୍ୟ**

(I) ପ୍ରଶ୍ନପତ୍ରଟି **11** ପୃଷ୍ଠା ବିଶିଷ୍ଟ କି ନା ଦୟାକରି ଦେଖିନିଅ ।

(II) ପ୍ରଶ୍ନପତ୍ରରେ **14**ଟି ପ୍ରଶ୍ନ ଅଛି କି ନା ଆରମ୍ଭରୁ ଦେଖିନିଅ ।

(III) ପ୍ରଶ୍ନପତ୍ରର ଡ଼ାହାଣ ପଟ କୋଣରେ ଦିଆଯାଇଥିବା କୋଡ ନମ୍ବର ଉତ୍ତର ପତ୍ରର ପ୍ରଥମ ପୃଷ୍ଠାରେ ରହିବା ଆବଶ୍ୟକ ।

(IV) **ପ୍ରଶ୍ନପତ୍ରର କ୍ରମାଙ୍କ ଉତ୍ତର ଲେଖା ଆରମ୍ଭ କରିବା ପୂର୍ବରୁ ଉତ୍ତର ପୁସ୍ତିକାରେ ପ୍ରଶ୍ନର ଉପଯୁକ୍ତ ସ୍ଥାନରେ ଲେଖ ।**

(V) ପ୍ରଶ୍ନପତ୍ର ପଢିବାପାଇଁ 15 ମିନିଟ୍ ସମୟ ଦିଆଯିବ । ପ୍ରଶ୍ନପତ୍ର 10.15 ମିନିଟ୍ ସମୟରେ ବଣ୍ଟନ କରାଯିବ । ତେଣୁ 10.15 ଠାରୁ 10.30 ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷାର୍ଥୀ କେବଳ ପ୍ରଶ୍ନପତ୍ର ପଢିବେ ଏବଂ ଏ ସମୟରେ ଉତ୍ତର ପୁସ୍ତିକାରେ କେହି କିଛି ଲେଖି ପାରିବେ ନାହିଁ ।

**NOTE**

(I) Please check that this question paper contains **11** printed pages.

(II) Please check that this question paper contains **14** questions.

(III) Q.P. Code given on the right hand side of the question paper should be written on the title page of the answer-book by the candidate.

(IV) **Please write down the serial number of the question in the answer-book before attempting it.**

(V) 15 minute time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the students will read the question paper only and will not write any answer on the answer-book during this period.

# ଓଡ଼ିଆ
# ODIA

*ସମୟ : 3 ଘଣ୍ଟା* — *ପୂର୍ଣ୍ଣ ସଂଖ୍ୟା : 80*

*Time allowed : 3 hours* — *Maximum Marks : 80*

**General Instructions :**

- *This question paper is divided into **4** sections.*
- *It has total **14** questions.*
- ***Section A :** 1 Question no. 1*
- ***Section B :** 2 Questions no. 2 to 3*
- ***Section C :** 4 Questions no. 4 to 7*
- ***Section D :** 7 Questions no. 8 to 14*

*Attempt questions as per specific instructions.*

*Write question no. in answer book before attempting it.*

**ସାଧାରଣ ନିର୍ଦ୍ଦେଶାବଳୀ :**

- ଏହି ପ୍ରଶ୍ନପତ୍ରରେ ସମୁଦାୟ 4 ଗୋଟି ବିଭାଗ ରହିଛି ।
- ଏହି ପ୍ରଶ୍ନପତ୍ରରେ ସମୁଦାୟ 14ଟି ପ୍ରଶ୍ନ ରହିଛି ।
- **ସେକ୍ସନ ଏ (Section A) :** ପ୍ରଶ୍ନ ସଂଖ୍ୟା 1 ରୁ 1 ରହିଛି ।
- **ସେକ୍ସନ ବି (Section B) :** ପ୍ରଶ୍ନ ସଂଖ୍ୟା 2 ରୁ 3 ରହିଛି ।
- **ସେକ୍ସନ ସି (Section C) :** ପ୍ରଶ୍ନ ସଂଖ୍ୟା 4 ରୁ 7 ରହିଛି ।
- **ସେକ୍ସନ ଡି (Section D) :** ପ୍ରଶ୍ନ ସଂଖ୍ୟା 8 ରୁ 14 ରହିଛି ।

ନିର୍ଦ୍ଦେଶାନୁସାରେ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

ଉତ୍ତର ଲେଖିବା ପୂର୍ବରୁ ଉତ୍ତରପତ୍ରର ବାମପାର୍ଶ୍ୱରେ ପ୍ରଶ୍ନ ନମ୍ବର ଉଲ୍ଲେଖ କର ।

## SECTION A
## ସେକ୍ସନ ଏ

**1.** ନିମ୍ନ ଅନୁଚ୍ଛେଦଟିକୁ ପାଠକରି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । *5×2=10*

ଆଧ୍ୟାତ୍ମିକ ଶିକ୍ଷା ମଣିଷକୁ ସତ୍ ପଥରେ ପରିଚାଳିତ କରିଥାଏ । ସତ୍‌କର୍ମ କରିବାକୁ ପରାମର୍ଶ ଦେଇ ଥାଏ । ଆଧ୍ୟାତ୍ମିକ ଶିକ୍ଷା ମଣିଷର ସକଳ ଅହଂ ଭାବକୁ ଧ୍ୱଂସ କରି ତାର ଆତ୍ମଶକ୍ତିକୁ ଜାଗ୍ରତ କରିଥାଏ । ଏହି ଆଧ୍ୟାତ୍ମିକ ଶିକ୍ଷା ମାଧ୍ୟମରେ ମନୁଷ୍ୟ ବସ୍ତୁବାଦୀ ଶିକ୍ଷାର ଅସାର ଶୂନ୍ୟତାକୁ ମର୍ମେ ମର୍ମେ ଅନୁଭବ

କରିଥାଏ । କାରଣ ଯେଉଁ ଆନନ୍ଦ ଆଧ୍ୟାତ୍ମିକ ଶିକ୍ଷାରେ ମିଳିଥାଏ ସେ ଆନନ୍ଦ ବସ୍ତୁବାଦୀ ଶିକ୍ଷାରେ ମିଳି ନଥାଏ । ବର୍ତ୍ତମାନ ସମୟର ଛାତ୍ର ସମାଜକୁ ଆଧ୍ୟାତ୍ମିକ ଶିକ୍ଷା ପ୍ରତି ଅନୁପ୍ରାଣିତ କରିବା ଏକ ବିରାଟ ଆହ୍ୱାନ । କିନ୍ତୁ ଯଦି ଆମେ ଏହାର ଆଉ ଗୋଟିଏ ଦିଗକୁ ନେବା ତେବେ ଆମ୍ଭେ ଦେଖିବା ଯେ ବସ୍ତୁବାଦୀ ଶିକ୍ଷା ମଣିଷର ବୈଷୟିକ ଜ୍ଞାନକୁ ବୃଦ୍ଧି କରିଥାଏ । କଥାରେ ଅଛି "ଅଭାବ ହିଁ ଉଦ୍ଭାବନର ଜନନୀ" । ଏହି ବୈଷୟିକ ଶିକ୍ଷା ହିଁ ମଣିଷର ତଥା ଦେଶର ଆର୍ଥନୀତିକ ବିକାଶ ପାଇଁ ରାସ୍ତା ଦେଖାଇଥାଏ । ଯଦିଓ ଆଧ୍ୟାତ୍ମିକ ଶିକ୍ଷା ଓ ବସ୍ତୁବାଦୀ ଶିକ୍ଷାର ଲକ୍ଷ୍ୟ ସମ୍ପୂର୍ଣ୍ଣ ବିପରୀତ ତଥାପି ବର୍ତ୍ତମାନର ଛାତ୍ର ସମାଜ ନିମନ୍ତେ ଉଭୟ ଶିକ୍ଷା ଏକାନ୍ତ ଅପରିହାର୍ଯ୍ୟ । ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି ଯେଉଁ ଛାତ୍ର ନିକଟରେ ବୈଷୟିକ ଜ୍ଞାନ ରହିବା ସଙ୍ଗେ ସଙ୍ଗେ ଆଧ୍ୟାତ୍ମିକ ଜ୍ଞାନ ରହିବ, ସେ ଜ୍ଞାନ ସମାଜ ପ୍ରତି ବିପଦ ପୂର୍ଣ୍ଣ ନ ହୋଇ ଗଠନ ମୂଳକ ହେବ । ଦେଶକୁ ଜାତିକୁ ଧ୍ୱଂସ ମୁଖକୁ ଠେଲି ନଦେଇ ତାର ବୈଷୟିକ ଜ୍ଞାନ ବଳରେ ଏଜାତିକୁ ଧ୍ୱଂସ ମୁଖରୁ ରକ୍ଷା କରିବ । କାରଣ ଆଧ୍ୟାତ୍ମିକ ଶିକ୍ଷାରେ ଶିକ୍ଷିତ ହେବାରୁ ତାର ହୃଦୟରେ ମାନବିକତାର ସ୍ୱଚ୍ଛ, ନିର୍ମଳ ଧାରାଟିଏ ସୃଷ୍ଟି ହୋଇ ସାରା ଜଗତର କଲ୍ୟାଣ କରିବାକୁ କୁଳୁକୁଳୁ ନାଦ କରି ଆଗକୁ ଆଗେଇ ଚାଲିବି । ଆଧ୍ୟାତ୍ମିକ ଜ୍ଞାନ ଥିଲେ, ବୈଷୟିକ ଜ୍ଞାନରେ ବଳୀୟାନ ହେଲେ ମଧ୍ୟ ସେ ଉଦାତ୍ତ କଣ୍ଠରେ କହିବ "ସମସ୍ତେ ମୋର ଏବଂ ମୁଁ ସମସ୍ତଙ୍କର" । ନିଜକୁ ଗୋଟିଏ ସୁନାଗରିକରେ ପରିଣତ କରି ନିଜ ହିତରେ ଦେଶର ହିତ ଦେଖି ଦେଶର ହିତରେ ନିଜକୁ ସମର୍ପି ଦେବ । ଶୟନେ, ସ୍ୱପନେ ତଥା ଜାଗରଣେ କେବଳ ସମଗ୍ର ମାନବ ଜାତିର ହିତ ଚିନ୍ତା କରି ସୁପଥର ପଥିକ ହୋଇ ଭବିଷ୍ୟତର ଉତ୍ତରାଧିକାରୀଙ୍କ ନିମନ୍ତେ ଉତ୍ତମ ପଥ ପ୍ରଦର୍ଶକଟିଏ ହେବ ।

(i) ମଣିଷର ଆତ୍ମଶକ୍ତି କିପରି ଜାଗ୍ରତ ହୋଇଥାଏ ?

(ii) ବସ୍ତୁବାଦୀ ଶିକ୍ଷାର ଅସାର ଶୂନ୍ୟତାକୁ ମନୁଷ୍ୟ କେତେବେଳେ ମର୍ମେ ମର୍ମେ ଅନୁଭବ କରିପାରିଥାଏ ?

(iii) ବର୍ତ୍ତମାନର ଛାତ୍ରସମାଜ ନିମନ୍ତେ ବସ୍ତୁବାଦୀ ଶିକ୍ଷା ସହିତ ଆଧାତ୍ମିକ ଶିକ୍ଷା ମଧ୍ୟ ଏକାନ୍ତ ଅପରିହାର୍ଯ୍ୟ ବୋଲି ଲେଖକ କାହିଁକି କହିଛନ୍ତି ?

(iv) ଆଧାତ୍ମିକ ଶିକ୍ଷାରେ ଶିକ୍ଷିତ ହେଲେ ମଣିଷ ହୃଦୟରେ କ'ଣ ପରିବର୍ତ୍ତନ ଦେଖା ଦେଇଥାଏ ?

(v) ବର୍ତ୍ତମାନର ଛାତ୍ର କିପରି ଭବିଷ୍ୟତର ଉତ୍ତରାଧିକାରୀଙ୍କ ନିମନ୍ତେ ଉତ୍ତମ ପଥ ପ୍ରଦର୍ଶକଟିଏ ହୋଇପାରିବ ?

## SECTION B

## ସେକ୍ସନ ବି

**2.** ଯେ କୌଣସି ***ଗୋଟିଏ*** ବିଷୟରେ ରଚନା ଲେଖ । *1×6=6*

(i) ପୁସ୍ତକ ପଠନର ଉପକାରିତା

(ii) ସମାଜ ସଂସ୍କାରରେ ଛାତ୍ରର ଭୂମିକା

(iii) ମୋର ସ୍ୱପ୍ନର ଭାରତ

**3.** (a) ତୁମ ଅଞ୍ଚଳରେ ଅଜଣା ରୋଗରେ ଆକ୍ରାନ୍ତ ହେଉଥିବା ପୀଡ଼ିତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ନିକଟକୁ ଏକ ଦରଖାସ୍ତ ଲେଖ । *6*

**କିମ୍ବା (OR)**

(b) ତୁମ ଅଞ୍ଚଳରେ ଏକ ପ୍ରାଥମିକ ବିଦ୍ୟାଳୟ ଖୋଲିବା ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ଏକ ଦରଖାସ୍ତ ଲେଖ ।

(ବି.ଦ୍ର. – ପ୍ରକୃତ ନାମ ଓ ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)

## SECTION C

## ସେକ୍ସନ ସି

**4.** ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖ । (ଯେ କୌଣସି *2* ଟିର) *2×1=2*

(i) ଅଭିଜ୍ଞ

(ii) ଦୟାଳୁ

(iii) କ୍ଷଣସ୍ଥାୟୀ

**5.** ଶୁଦ୍ଧ ପ୍ରୟୋଗ ଆଧାରରେ ଠିକ୍ ଶବ୍ଦଟି ଲେଖ । (ଯେ କୌଣସି *3* ଟିର) *3×1=3*

(i) ଚାକିରୀ

(ii) ମଧ୍ୟରାତ୍ରୀ

(iii) ଆବାହମାନ

(iv) ପ୍ରସଂଶା

**6.** ସମୋଚ୍ଚାରିତ ଶବ୍ଦଗୁଡ଼ିକର ଅର୍ଥ ଲେଖ । (ଯେ କୌଣସି *2* ଟିର) *2×1=2*

(i) ସ୍ମୃତି – ଶ୍ରୁତି

(ii) ଅଶୀ – ଅସି

(iii) ଶାପ – ସାପ

**7.** ଏକ ପଦରେ ପ୍ରକାଶ କର । (ଯେ କୌଣସି *3* ଟିର) *3×1=3*

(i) ପିଇବାକୁ ଇଚ୍ଛା –

(ii) ବୁଦ୍ଧଙ୍କର ଉପାସକ –

(iii) ଯିଏ ଆଲୋଚନା କରନ୍ତି –

(iv) ରଘୁଙ୍କ ପୁତ୍ର –

## SECTION D

## ସେକ୍ସନ ଡି

**8.** ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି *1* ଟିର) *1×5=5*

(i) ବର୍ତ୍ତମାନ ଅବସ୍ଥା ଲାଭ କରିବାପାଇଁ କେତେ ରାଶି ରାଶି ନରଦେହ ପତିତ ହୋଇଅଛି, ତାହା କିଏ କଳନା କରିପାରିବ ।

(ii) ଭଲ ମନ୍ଦ ଚିହ୍ନିବାର ଯୋଗ୍ୟତା ଯେଉଁଠି ନାହିଁ ସେଠାରେ ମୁଖ୍ୟତଃ ପ୍ରୋପାଗଣ୍ଡାର ହିଁ ଜୟହୁଏ ।

**9.** ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି *3* ଟିର) *3×2=6*

(i) ବର୍ତ୍ତମାନ ଯୁଗରେ ଇତିହାସ ଲିଖନ ପ୍ରଣାଳୀ କିପରି ?

(ii) କୋଣାର୍କ ପଥରେ ଯାଉଁ ଯାଉଁ ବାରିବାହ କାହିଁକି ଚକିତ ହୋଇଯିବ ବୋଲି ଲେଖକ କହିଛନ୍ତି ?

(iii) ମାଙ୍କଡ଼ଚିତ୍ ମାରୁଥିବା ନେତାମାନେ କ'ଣ କରନ୍ତି ?

(iv) ଭାରତ ସରକାର ଆମେରିକାରେ ଥିବା ଭାରତୀୟ ଛାତ୍ର ପାଖକୁ କାହିଁକି ଚିଠି ଲେଖିଥିଲେ ?

(v) ଆଗକାଳରେ ପାଠ ପଢ଼ିବାର ସୁବିଧା ନଥିଲେବି ପାଠର ମାନଦଣ୍ଡ କିପରି ଥିଲା ?

**10.** ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ପ୍ରଦତ୍ତ ଉତ୍ତର ପର୍ଯ୍ୟାୟକୁ ବାଛି ଲେଖ । *10×1=10*

(i) ଅନନ୍ତ ପ୍ରକୃତି ସାଙ୍ଗରେ କାହାର ନିତ୍ୟ ଯୋଗ ହୋଇ ଥାଏ ?

(A) ମନୁଷ୍ୟ

(B) ଇଶ୍ୱର

(C) ପଶୁ

(D) ପକ୍ଷୀ

(ii) କାହାକୁ ଦୂରବନ୍ଧୁ ବୋଲି ପ୍ରାବନ୍ଧିକ ସମ୍ବୋଧନ କରିଛନ୍ତି ?

(A) ପୁଷ୍ପପୁର

(B) ବାରିବାହ

(C) ବାତାୟନ

(D) ଶ୍ୟାମଳ ପୃଥିବୀ

(iii) ନିର୍ଝରିଣୀ କେଉଁଠାରେ କ୍ରୀଡ଼ାରତ ବତ୍ସତରୀ ପରି ନାଚି ଉଠେ ?

(A) ସରିତ

(B) ମହୋଦଧି

(C) ଗିରିଦରୀ

(D) ସାଗର

(iv) କେଉଁ ଶାସନରେ ଶାସକ ଓ ଶାସିତ ଏକ ଓ ଅଭିନ୍ନ ?

(A) ଜନତନ୍ତ୍ର

(B) ବ୍ୟକ୍ତିତନ୍ତ୍ର

(C) ସମୂହତନ୍ତ୍ର

(D) ଗଣତନ୍ତ୍ର

(v) "ସ୍ୱାଧୀନ ଦେଶରେ ଶିକ୍ଷାଚିନ୍ତା" ପ୍ରବନ୍ଧଟି ପ୍ରାବନ୍ଧିକଙ୍କ କେଉଁ ପୁସ୍ତକରୁ ସଂଗୃହୀତ ?

(A) ଲଣ୍ଡନ ଚିଠି

(B) ବିଚାର ଆଲୋଚନା

(C) ଆମେରିକାର ଅନୁଭୂତି

(D) ଆମ ସଂସ୍କୃତି

(vi) ଆଗକାଳରେ ମାଟ୍ରିକ୍ୟୁଲେସନ ପାସ କରି ଲୋକେ କେଉଁ କାମ ଚଳାଇ ଦେଉଥିଲେ ?

(A) ଇନିସ୍‌ପେକ୍ଟର

(B) ତହସିଲଦାର

(C) ବି.ଡି.ଓ.

(D) ମାଜିଷ୍ଟ୍ରେଟ୍

(vii) କେଉଁ ଶିକ୍ଷା ମଣିଷ ପାଇଁ ଅଧିକ ଉପଯୋଗୀ ?

(A) ଦୃଷ୍ଟାନ୍ତ ଶିକ୍ଷା

(B) ଉପଦେଶାତ୍ମକ ଶିକ୍ଷା

(C) କାଳ୍ପନିକ ଶିକ୍ଷା

(D) ବର୍ଣ୍ଣନାତ୍ମକ ଶିକ୍ଷା

(viii) ଗଣତନ୍ତ୍ରରେ ଜନତାର ଶାସନ କିପରି ହେବା ସ୍ୱାଭାବିକ୍ ?

(A) ପ୍ରତ୍ୟକ୍ଷ

(B) ପରୋକ୍ଷ

(C) ସ୍ୱପ୍ନିଳ

(D) ଦୁଷ୍ପ୍ରାପ୍ୟ

(ix) କେଉଁ ମହାଦେଶରେ ନିରକ୍ଷରତା ସବୁ ବଡ଼ ସମସ୍ୟା ?

(A) ୟୁରୋପ

(B) ଆମେରିକା

(C) ଏସିଆ

(D) ଆଫ୍ରିକା

(x) ବ୍ୟକ୍ତିଠାରୁ କିଏ ବଡ଼ ବୋଲି ଲେଖକ ଘନକୁ ପ୍ରଶ୍ନ କରିଛନ୍ତି ?

(A) ମଣିଷ (B) ପକ୍ଷୀ

(C) ପଶୁ (D) ଗୋଷ୍ଠୀ

**11.** ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି *1* ଟିର) *1×5=5*

(i) ଯା ଦେଖି ଜାଣିବେ ଜଗତେ ସମସ୍ତେ

ଆସିଥିଲି ଫେରିଗଲି ଶୂନ୍ୟ ହସ୍ତେ ।

(ii) କିଏ ନ କାନ୍ଦିବ ବହି ମାନବ ହୃଦୟ ?

ତରୁଲତାଚୟ ଯହୁଁ ହୁଅନ୍ତି ଅଥୟ ।

**12.** ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି *3* ଟିର) *3×2=6*

(i) ରାମଚନ୍ଦ୍ର କାହିଁକି ସୀତାଙ୍କ ପ୍ରେମକୁ ସ୍ୱପ୍ନ ପରି ମନେ କରିବେ ?

(ii) ପୂର୍ବେ ରାଜାମାନେ ପ୍ରଜାଙ୍କ ଚିତ୍ତକୁ କିପରି ବାନ୍ଧି ରଖୁଥିଲେ ବୋଲି କବି କହିଛନ୍ତି ?

(iii) ପ୍ରିୟଜନର ବିରହ ଦୁଃଖ କବିଙ୍କୁ କିପରି ମନେ ହୋଇଛି ?

(iv) ପିଙ୍ଗଳାର ଜୀବନ ଯମୁନାରେ ଉଜାଣି ଉଠିଲା କାହିଁକି ?

(v) ଆଜିର ମଣିଷ ଶୋଷଣର ଓ ପୀଡ଼ନର କାରଣ କିପରି ଜାଣିପାରିବ ବୋଲି କହିଛନ୍ତି ?

**13.** ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ପ୍ରଦତ୍ତ ଉତ୍ତର ପର୍ଯ୍ୟାୟକୁ ବାଛି ଲେଖ । *10×1=10*

(i) ଦରବାରୀ ରାଜାମାନେ ପ୍ରଜାମାନଙ୍କୁ କିପରି ଭୟଭୀତ କରୁଥିଲେ ?

(A) ବେତମାଡ଼ ଦେଇ ।

(B) କର ଆଦାୟ କରି ।

(C) ବିଦେଶୀ ବନ୍ଧୁକ ଦେଖାଇ ।

(D) ବନ୍ଦୀ କରି ।

(ii) ଭଙ୍ଗାମାଠିଆରୁ ପାଣି ବୋହିଯିବା ପରି ମଣିଷ ଜୀବନରୁ କ'ଣ ସରିଯାଏ ?

(A) ବଳ (B) ଆୟୁ

(C) ଧନ (D) ଯୌବନ

(iii) 'ନବବାମା' ବୋଲି କବି କାହାକୁ କହିଛନ୍ତି ?

(A) ସୀତା

(B) ସୁନାର ସୀତା

(C) ନବ ବିବାହିତା ଦ୍ୱିତୀୟା ପତ୍ନୀ

(D) ରୁକ୍ମିଣୀ

(iv) ଗୋପବନ୍ଧୁଙ୍କ ଅବରୋଧର ସମୟ କ'ଣ ଥିଲା ?

(A) ସକାଳ । (B) ମଧ୍ୟାହ୍ନ ।

(C) ଗୋଧୂଳି କାଳ । (D) ରାତି ।

(v) ପ୍ରଣୟ ପୀୟୂଷରେ କ'ଣ ମିଶିଛି ?

(A) ମିଳନର ଅମୃତ

(B) ବିରହର ବିଷ

(C) ପ୍ରତିକ୍ରିୟାର ହଳାହଳ

(D) ନିର୍ଯାତନାର କୁଟିଳତା

(vi) ମୁକ୍ତା କେଉଁଠି ଫଳେ ?

(A) ସାଗର ଗର୍ଭରେ

(B) ଧରିତ୍ରୀ ଗର୍ଭରେ

(C) ଶୁକ୍ତି ଗର୍ଭରେ

(D) ପଦ୍ମ ଗର୍ଭରେ

(vii) ପୁଣ୍ୟ ମର୍ତ୍ତ୍ୟଭୂମିରେ ପିଙ୍ଗଳା କ'ଣ ସାଜିଛି ବୋଲି କହିଛି ?

(A) ନେତ୍ରୀ (B) ସାମ୍ରାଜ୍ଞୀ

(C) ଗୃହିଣୀ (D) ପତିତା

(viii) ଶତାବ୍ଦୀର ସିଂହ ଦ୍ୱାରରୁ ଭବିଷ୍ୟତର ବାର୍ତ୍ତା କିଏ ଆଣିଛି ?

(A) ଡ଼ାକବାଲା (B) ମେଘ

(C) ଦୂତ (D) ପାରା

(ix) କାହାର ସାଧନା ଜୟଲାଭ କରୁ ବୋଲି କବି ସଚ୍ଚିଦାନନ୍ଦ ରାଉତରାୟ କହିଛନ୍ତି ?

(A) ଉତ୍ପୀଡ଼ନର ସାଧନା

(B) କ୍ରୁଶର ସାଧନା

(C) ଶିକ୍ଷାର ସାଧନା

(D) ବ୍ରହ୍ମଜ୍ଞାନର ସାଧନା

(x) ସୀତା ପତ୍ରଲେଖୁଥିଲା ବେଳେ କିଏ ହସି ହସି ପହଞ୍ଚିଲେ ?

(A) ଲବକୁଶ

(B) ବାଲ୍ମୀକି

(C) ସଖୀ

(D) ରାମଙ୍କ ଦୂତ

**14.** ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି *3* ଟିର) *3×2=6*

(i) କଲିକତା ଗୋଟିଏ ବିଚିତ୍ର ଜାଗା ବୋଲି କାହିଁକି କୁହାଯାଇଛି ?

(ii) "ଆପଣ ଅନ୍ୟାୟ କରୁଛନ୍ତି ବାପା" ଏକଥା ଅରୁଣ ତା' ବାପାଙ୍କୁ କାହିଁକି କହିଛି ?

(iii) କାହାଣୀ ଦକ୍ଷ ମାଷ୍ଟରଜୀଙ୍କ ଆତ୍ମକାହାଣୀର ସ୍ୱରୂପ କିପରି ଥିଲା ?

(iv) କମ୍ବୁଗ୍ରୀବ କିପରି ନଅର ଛାତ ଉପରେ ପଡ଼ି ଯାଇଥିଲା ?

(v) ଗୋପାଳ କିପରି ମହାଜନ ବଳରାମଙ୍କ କଲିକତା ଗଦିରେ ପହଞ୍ଚିଥିଲା ?